**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**19 February – 2026**

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି। ଚଳିତ ବର୍ଷ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ଲାଗି ୩ ହଜାର ୮୨୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ୩୩୨ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ପ୍ରତି ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇଛି। ପରୀକ୍ଷାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦଠାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି କଣ୍ଟ୍ରୋଲ ରୁମ୍ ପରୀକ୍ଷା ଚାଲିଥିବା ବେଳେ କୃତ୍ରିମ ବୁଦ୍ଧିମତା ବା ଏ.ଆଇ. କ୍ୟାମେରା ମାଧ୍ୟମରେ ସମସ୍ତ ପ୍ରକାର ଯାଞ୍ଚ କରିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

## ସମ୍ପଦ ସ୍ୱାଇଁ-ବୁଝାମଣାପତ୍ର

ରାଜ୍ୟର ଯୁବପିଢ଼ୀଙ୍କୁ ଶିଳ୍ପ ଉପଯୋଗୀ କରିବା ସରକାରଙ୍କ ମୁଖ୍ୟ ପ୍ରାଥମିକତା ବୋଲି ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି । ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୪ଟି ଗୁରୁତ୍ୱପୂର୍ଣ୍ଣ

ବୁଝାମଣାପତ୍ର ବିନିମୟ କରି ମନ୍ତ୍ରୀ କହିନ୍ତି ଏହା ରାଜ୍ୟର ଦକ୍ଷତା ଇକୋ ସିଷ୍ଟମର ରୂପାନ୍ତରଣ କରିବା ସହ ଶିଳ୍ପ ଆବଶ୍ୟକତାକୁ ଯୋଡ଼ିବା ଦିଗରେ ପ୍ରମୁଖ ପଦକ୍ଷେପ ଗ୍ରହଣ କରିବ। ଟାଟା ଟେକ୍ନୋଲୋଜି ସହଭାଗିତାରେ ରାଜ୍ୟର ୨୨ଟି ସରକାରୀ ଆଇଟିଆଇକୁ ୭୭୯ କୋଟି ଟଙ୍କା ବ୍ୟୟରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଭାବେ ଉନ୍ନୀତ କରାଯିବ । ୟୁନିସେଫ୍ ସହ ସହଭାଗିତାରେ ୟୁଥ୍ ହବ୍ ପ୍ଲାଟଫର୍ମ ମାଧ୍ୟମରେ ୨ହଜାରରୁ ଅଧିକ ଛାତ୍ରୀଙ୍କୁ ଡିଜିଟାଲ ଦକ୍ଷତା ପ୍ରଶିକ୍ଷଣ ଏବଂ ନିଯୁକ୍ତିରେ ସହାୟତା କରାଯିବ ।

# ବିଧାନସଭା

ରାଜ୍ୟ ସରକାର ୨୦୨୪ ମସିହା ଜୁନ୍ ମାସ ପରଠାରୁ ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ୬୦ହଜାର ୧୮୯ ପରିବାରକୁ ରାସନକାର୍ଡ ବଣ୍ଟନ କରିଛନ୍ତି । ବାକିଥିବା ପ୍ରାୟ ୪ ଲକ୍ଷ ଆବେଦନଗୁଡ଼ିକର କ୍ଷେତ୍ର ତର୍ଜମା ଜାରି ରହିଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ସୂଚନା ଦେଇଛନ୍ତି ।

# ଅନୁଗର୍ଗ-ନିଯୁକ୍ତି

ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ରଖି ପ୍ରସ୍ତୁତି ହୋଇଥିବା ୨ବର୍ଷିଆ କାର୍ଯ୍ୟ ଖସଡାର କାର୍ଯ୍ୟକାରୀତା ସମ୍ପର୍କରେ ସଚିବସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ

ବିଭାଗରେ ଥିବା ଖାଲିପଦବୀ ପୂରଣ ସମ୍ପର୍କରେ ନିଯୁକ୍ତି ନେଇ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଜୁନ୍ ମାସ ସୁଦ୍ଧା ୬୫ହଜାର ନିଯୁକ୍ତି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ବର୍ତ୍ତମାନସୁଦ୍ଧା ବିଭିନ୍ନ ବିଭାଗରେ ୩୯ହଜାର ୫୦୦ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଆସନ୍ତା ମାସ ସୁଦ୍ଧା ବଜେଟ୍ ଖର୍ଚ୍ଚ ଶେଷ କରିବା ଓ ସମ୍ପୃକ୍ତ ବିଭାଗ ମାନଙ୍କ ଦ୍ୱାରା ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

## ଅନୁ ଗର୍ଗ-ସମୀକ୍ଷା

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସୀ ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ବୈଠକରେ ବିଗତ ବର୍ଷରେ ମଞ୍ଜୁର କରାଯାଇଥିବା ବିଧାୟକ ସ୍ଥାନୀୟ ଆଞ୍ଚଳିକ ବିକାଶ ପାଣ୍ଠି, ସାଂସଦ ଆଞ୍ଚଳିକ ବିକାଶ ପାଣ୍ଠି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଆଦି ଯୋଜନା ଓ କାର୍ଯ୍ୟକ୍ରମରେ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

## ବ୍ଲକଗ୍ରାଣ୍ଟ ପେନ୍‌ସନ-ହାଇକୋର୍ଟ

ବ୍ଲକଗ୍ରାଣ୍ଟ କର୍ମଚାରୀମାନଙ୍କୁ ପେନ୍‌ସନ ଦେବା ମାମଲାରେ ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟକୁ ଲିଖିତ ଜବାବ ଦେଇଛନ୍ତି । ଜଣେ

ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଛି । ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାସ ଓ ଜଷ୍ଟିସ କେ.ଏସ୍. ଦୀକ୍ଷିତଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ୮ ସପ୍ତାହ ପରେ ହେବ ବୋଲି ସମୟଧାର୍ଯ୍ୟ କରିଛନ୍ତି ।

## ଆତ୍ମରକ୍ଷା ତାଲିମ ଶିବିର

ଗଞ୍ଜାମ ଜିଲ୍ଲା ଗୋପାଳପୁର କଲେଜରେ ଆୟୋଜିତ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର ରାମପ୍ରସାଦ ପଣ୍ଡାଙ୍କ ସମେତ କଲେଜର ଅଧ୍ୟାପକମାନେ ଯୋଗଦେଇ ସମୟାନୁବର୍ତ୍ତୀତା ହେବା ସହ ଶୃଙ୍ଖଳାଗତ ଶିକ୍ଷାକୁ ଗୁରୁତ୍ୱ ଦେଇ ଆତ୍ମରକ୍ଷା କୌଶଳ ଶିଖିବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## କଥାଚକ୍ର

ସୁବର୍ଣ୍ଣପୁର ରୟାଲ ପଡ଼ିଆରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଅଭିଭାବକତ୍ୱ ଶୀର୍ଷକରେ ଏକ କଥାଚକ୍ର ଅନୁଷ୍ଠିତ ହୋଇଯାଇଛି । ସମସାମୟିକ ସମାଜ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ନୈତିକ ଶିକ୍ଷା, ଉତ୍ତମ ପରିବେଶ ଏବଂ ପିଲାଙ୍କ ପାଖରେ ଥିବା ଅର୍ନ୍ତନିହିତ ଚିହ୍ନଟ ଓ ବିକାଶ ସମ୍ପର୍କରେ ଆଲୋଚକମାନେ ଆଲୋଚନା କରିଥିଲେ ।

## ପଲିଥିନ୍ ବ୍ୟବହାର

କନ୍ଧମାଳ ଜିଲ୍ଲାର ଖଜୁରୀପଡା ଓ କୋଟଗଡ ବ୍ଲକରେ ପଲିଥିନ୍ ବ୍ୟବହାର ନକରିବାକୁ ଲୋକମାନଙ୍କୁ ସଚେତନ କରାଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ବଜାରରେ ଥିବା ସମସ୍ତ ବ୍ୟବସାୟୀମାନଙ୍କୁ ଏଥିପାଇଁ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି ।

## ସଚେତନତା ଶିବିର

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା, ସୁକନ୍ୟା ସମୃଦ୍ଧି ସଚେତନତା ଶିବିର ବନ୍ତ ବ୍ଲକର ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ, ଜିଲ୍ଲା ଆର୍ଥିକ ସେବା ସଞ୍ଚୟ ଅଧିକାରୀ ପ୍ରମୁଖ ଯୋଗଦେଇ ଅଭିଭାବକ, ଅଙ୍ଗନବାଡି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ଆର୍ଥିକ ସାକ୍ଷରତା ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ ।

## ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ

ନବରଙ୍ଗପୁର ଜିଲ୍ଲା ବରଙ୍ଗପୁରରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆସନ୍ତା ୨୩ ମାସ ମଧ୍ୟରେ ଶେଷ ହେବ ବୋଲି ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ କହିଛନ୍ତି । ଏଥିନିମନ୍ତେ ୫୦କୋଟି ୭୦ଲକ୍ଷ ୭୫ହଜାର ଟଙ୍କାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ବସ୍‌ଷ୍ଟାଣ୍ଡରେ ଫୁଡପାର୍କ, ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାଇଁ ଡର୍ମିଟୋରୀ, ବିଶ୍ରାମକକ୍ଷ ସମେତ ଓଏସ୍‌ଆର୍‌ସିଟିସିର କାର୍ଯ୍ୟାଳୟ ରହିବ ।